# NATIONAL NEWS BULLETIN (ODIA)

## 20 February-2025

### Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ଗ୍ରହଣ କରିବେ ରେଖା ଗୁପ୍ତା ।
- ନୂଆଦିଲ୍ଲୀ ଠାରେ ଶୋଲ୍ ଲିଡରସିପ୍ ସମ୍ମିଳନୀକୁ ଆସନ୍ତାକାଲି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ଜି-୨୦ ବୈଦେଶିକ ମନ୍ତ୍ରୀ ସ୍ତରୀୟ ବୈଠକରେ ଯୋଗଦେବା ପାଇଁ ଆଜିଠାରୁ ଦକ୍ଷିଣ ଆଫ୍ରିକା ଗସ୍ତରେ ଯିବେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।
- ମହାକୁମ୍ଭ ମେଳା ଅବସରରେ ଆଧ୍ୟାତ୍ମିକ ଓ ସଂସ୍କୃତି ଉପରେ ଆଧାରିତ ଆଲୋଚନାଚକ୍ର ଅନୁଷ୍ଠିତ ।

ଏବଂ

- ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ଆଜି ଆରମ୍ଭ କରିବ ଆଭିଯାନ ।

– ଦୁବାଇ ଠାରେ ବାଂଲାଦେଶ ବିପକ୍ଷରେ ଖେଳିବ ପ୍ରଥମ ମ୍ୟାଚ୍ ।

# ନ୍ୟୁ ଦିଲ୍ଲୀ ସିଏମ୍

ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ରେଖା ଗୁପ୍ତା ଆଜି ଶପଥ ଗ୍ରହଣ କରିବେ । ରାମଲୀଳା ମଇଦାନ ଠାରେ ଅପରାହ୍ଣରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ଉପରାଜ୍ୟପାଳ ବିନୟ କୁମାର ସାକସେନା ରେଖାଗୁପ୍ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ । ଶପଥଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସମେତ ପାଖାପାଖି ୨୦ଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ଯୋଗଦେଉଛନ୍ତି ।

ନୂଆଦିଲ୍ଲୀ ଠାରେ ଗତ ସନ୍ଧ୍ୟାରେ ଅନୁଷ୍ଠିତ ଦିଲ୍ଲୀ ନବନିର୍ବାଚିତ ବିଜେପି ବିଧାୟକ ଦଳ ବୈଠକରେ ନେତା ଭାବେ ରେଖା ଗୁପ୍ତାଙ୍କ ନାମ ଘୋଷଣା କରାଯାଇଥିଲା । ସାଲିମାରବାଗ୍ ଆସନରୁ ସେ ବିଜୟୀ ହୋଇଛନ୍ତି । ୧୯୯୨ ମସିହାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଦୌଲତରାମ ମହାବିଦ୍ୟାଳୟରେ ଏ.ବି.ଭି.ପି.ର ସଦସ୍ୟ ଭାବରେ ନିଜର ରାଜନୈତିକ ଜୀବନ ସେ ଆରମ୍ଭ କରିଥିଲେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ମଧ୍ୟ ସଭାପତି ଭାବେ ସେ ନିର୍ବାଚିତ ହୋଇଥିଲେ । ରେଖା ଗୁପ୍ତା ଦିଲ୍ଲୀ ବିଜେପି ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦିକା ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି ।

ନେତା ନିର୍ବାଚିତ ହେବା ପରେ ଶ୍ରୀମତୀ ଗୁପ୍ତା ଉପରାଜ୍ୟପାଳ ବିନୟ କୁମାର ସାକସେନାଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିଥିଲେ । ଦିଲ୍ଲୀର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ନାମ ଘୋଷଣା ପରେ ଶ୍ରୀମତୀ ଗୁପ୍ତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ମଣ୍ଡଳର ବହୁ ସଦସ୍ୟ ଏବଂ ଦଳୀୟ କର୍ମକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ବିଦାୟୀ ମୁଖ୍ୟମନ୍ତ୍ରୀ ଆତିସୀ ଏବଂ ଆପ୍ ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜରିୱାଲ ରେଖା ଗୁପ୍ତାଙ୍କୁ ନୂତନ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିବାରୁ ଅଭିନନ୍ଦନ ଜଣାଇଛନ୍ତି ।

ସୁଷମା ସ୍ୱରାଜ, ଶୀଲା ଦିକ୍ଷୀତ୍ ଏବଂ ଆତିସୀଙ୍କ ପରେ ଶ୍ରୀମତୀ ଗୁପ୍ତା ହେବେ ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ । ଅରବିନ୍ଦ କେଜରିୱାଲଙ୍କ ନେତୃତ୍ୱାଧୀନ ଆପ୍‌ର ୧୦ ବର୍ଷ ଶାସନର ଅନ୍ତ ଘଟାଇ ବିଜେପି ୨୬ ବର୍ଷ ପରେ ଦିଲ୍ଲୀରେ କ୍ଷମତାକୁ ପ୍ରତ୍ୟାବର୍ତ୍ତନ କରିଛି ।

## ପିଏମ୍ କନ୍‌କ୍ଲେଭ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀ ଠାରେ ଶୋଲ୍ ଲିଡର୍‌ସିପ୍ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଭାରତ ମଣ୍ଡପମ୍ ଠାରେ

ସମ୍ମିଳନୀର ପ୍ରଥମ ସଂସ୍କରଣ ଆସନ୍ତାକାଲି ଆରମ୍ଭ ହେବ । ଏହି ଦୁଇ ଦିନିଆ ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଭୁଟାନ ପ୍ରଧାନମନ୍ତ୍ରୀ ଦାଶୋ ସେରିଂ ତୋବ୍‌ଗେ ଯୋଗଦେଇ ସମ୍ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ରାଜନୀତି, କ୍ରୀଡ଼ା, କଳା ଓ ଗଣମାଧ୍ୟମ, ଆଧ୍ୟାତ୍ମିକ ଦୁନିଆ, ସାର୍ବଜନୀନ ନୀତି, ବ୍ୟାବସାୟ ଏବଂ ସାମାଜିକ କ୍ଷେତ୍ର ଭଳି ବିଭିନ୍ନ କ୍ଷେତ୍ରରେ ଏହି ସମ୍ମିଳନୀରେ ମତବିନିମୟ ହେବ । ଯୁବବର୍ଗଙ୍କୁ ଏହି ସମ୍ମିଳନୀ ପ୍ରେରଣା ଯୋଗାଇବା ସହ ଚିନ୍ତାଶୀଳ ନେତୃତ୍ୱ ଇକୋ ସିଷ୍ଟମ୍‌କୁ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ଆଶା କରାଯାଇଛି ।

## ଜୟଶଙ୍କର-ଦକ୍ଷିଣ ଆଫ୍ରିକା

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଜି-୨୦ ବୈଦେଶିକ ମନ୍ତ୍ରୀ ସ୍ତରୀୟ ବୈଠକରେ ଯୋଗଦେବା ପାଇଁ ଆଜିଠାରୁ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗ ଗସ୍ତରେ ଯିବେ । ଦକ୍ଷିଣ ଆଫ୍ରିକାର ଆନ୍ତର୍ଜାତିକ ସମ୍ପର୍କ ଓ ସହଯୋଗ ମନ୍ତ୍ରୀ ରୋନାଲ୍ଡ ଲାମୋଲାଙ୍କ ନିମନ୍ତ୍ରଣ କ୍ରମେ ଡକ୍ଟର ଜୟଶଙ୍କର ଏହି ଗସ୍ତରେ ଯାଉଛନ୍ତି । ଡକ୍ଟର ଜୟଶଙ୍କରଙ୍କର ଏହି ଗସ୍ତ ଜି-୨୦ ସଦସ୍ୟ ରାଷ୍ଟ୍ର ଗୁଡ଼ିକ ସହ ଭାରତର ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି । ସଦସ୍ୟ

ରାଷ୍ଟ୍ରଙ୍କ ବୈଦେଶିକ ମନ୍ତ୍ରୀଙ୍କ ସହ ଡକ୍ଟର ଜୟଶଙ୍କର ଏହି ଗସ୍ତ ଅବସରରେ ଦ୍ୱିପାକ୍ଷିକ ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଇଣ୍ଡିଆ-ଆଇଏମ୍‌ଓ ଟାଇଜ୍

ଆନ୍ତର୍ଜାତିକ ସାମୁଦ୍ରିକ ସଂଗଠନ ଆଇ.ଏମ୍.ଓ.ର ମହାସଚିବ ଆର୍ସେନିଓ ଡୋମିଙ୍ଗେଜ୍ ଗତକାଲି ଜବାହରଲାଲ ନେହେରୁ ବନ୍ଦର କର୍ତ୍ତୃପକ୍ଷ ଏବଂ ମୁମ୍ବାଇ ସ୍ଥିତ ଭାରତୀୟ ନାବିକ ହୋମ୍ ସୋସାଇଟି ପରିଦର୍ଶନ କରିଛନ୍ତି । ଶ୍ରୀ ଡୋମିଙ୍ଗେଜ୍‌ଙ୍କ ଭାରତକୁ ତିନି ଦିନିଆ ସରକାରୀ ଗସ୍ତର ଏହା ଏକ ଅଂଶବିଶେଷ ଥିଲା । ଜବାହରଲାଲ ନେହେରୁ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ପରିଚାଳନାଗତ ସମସ୍ୟା ଏବଂ ସ୍ଥାୟୀ ବନ୍ଦର ବିକାଶର ସୁଯୋଗ ଉପରେ ଶ୍ରୀ ଡୋମିଙ୍ଗେଜ୍ ଆଲୋଚନା କରିଥିଲେ । ବନ୍ଦର କାର୍ଯ୍ୟରେ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବା, ପରିଚାଳନାଗତ ଆହ୍ୱାନର ଅଭିନବ ସମାଧାନ ବାହାର କରିବା ଏବଂ ପରିବେଶ ଦୃଷ୍ଟିରୁ ସୁଦୃଢ଼ ସାମୁଦ୍ରିକ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ନେଇ ଆଲୋଚନା ହୋଇଛି । ସବୁଜ ଜାହାଜ ଚଳାଚଳକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ସାମୁଦ୍ରିକ ସ୍ଥାୟୀତ୍ୱ ବୃଦ୍ଧି କରିବା ଦିଗରେ ଆନ୍ତର୍ଜାତିକ ସାମୁଦ୍ରିକ ସଂଗଠନର ବ୍ୟାପକ ଦୃଷ୍ଟିକୋଣକୁ ଶ୍ରୀ ଡୋମିଙ୍ଗେଜଙ୍କ ଗସ୍ତ ସମନ୍ୱିତ କରିବାର ଆଶା କରାଯାଇଛି । ଏହା ପୂର୍ବରୁ ଶ୍ରୀ ଡୋମିଙ୍ଗେଜ୍

ସାମୁଦ୍ରିକ ଇତିହାସରେ ଭାରତୀୟ ନାବିକଙ୍କ ତ୍ୟାଗ ଏବଂ ଅବଦାନକୁ ସ୍ୱୀକୃତି ସ୍ୱରୂପ ସିଫରର୍ସ୍ ଯୁଦ୍ଧ ସ୍ମାରକୀ ଠାରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

## ଆର୍‌ବିଆଇ ଇକୋନମିକ୍

ଭାରତୀୟ ରିଜର୍ଭ ବ୍ୟାଙ୍କ୍ କହିଛି, ଦେଶର ହାଇ ଫ୍ରିକ୍ୱେନ୍ସି ଇଣ୍ଡିକେଟର ଅର୍ଥନୈତିକ ଗତିବିଧିର କ୍ରମାଗତ ବୃଦ୍ଧିକୁ ସୂଚୀତ କରୁଛି । ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ପ୍ରକାଶିତ ମାସିକ ତଥ୍ୟରେ ଏହା ଉଲ୍ଲେଖ କରାଯାଇଛି । ଆସନ୍ତା ଆର୍ଥିକ ବର୍ଷ ବଜେଟ୍‌ରେ ଘରୋଇ ଆୟ ଏବଂ ଉପଭୋକ୍ତା ବୃଦ୍ଧି ପାଇଁ ପଦକ୍ଷେପ ସହିତ କ୍ୟାପେକ୍ସ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିବାରୁ ବିତ୍ତୀୟ ସୁଦୃଢ଼ୀକରଣ ଏବଂ ଅଭିବୃଦ୍ଧି ଲକ୍ଷ୍ୟକୁ ଏହାକୁ ସନ୍ତୁଳିତ କରିପାରିଛି । ମୁଖ୍ୟତଃ ପନିପରିବା ଦରରେ ହ୍ରାସ ଯୋଗୁଁ ଜାନୁଆରୀ ମାସ ଖୁଚୁରା ମୁଦ୍ରାସ୍ଫିତି ୫ ମାସର ସର୍ବନିମ୍ନ ସ୍ତରରେ ରହିଥିଲା । ବିଶ୍ୱ ବାଣିଜ୍ୟ ଏବଂ ଭୂ-ରାଜନୈତିକ ଦୃଶ୍ୟପଟ୍ଟକୁ ନେଇ ଘରୋଇ ଅନିଶ୍ଚିତ ଇକ୍ୱିଟି ବଜାର ଉପରେ ପ୍ରଭାବ ପଡ଼ିଛି ବୋଲି ଏହି ତଥ୍ୟରେ ଉଲ୍ଲେଖ କରାଯାଇଛି ।

# ମହାକୁମ୍ଭ

ପ୍ରୟାଗରାଜ ମହାକୁମ୍ଭ ମେଳା ଅବସରରେ ଆଧ୍ୟାତ୍ମିକ ଏବଂ ସଂସ୍କୃତି ଉପରେ ଆଧାରିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । 'ମହାକୁମ୍ଭ ସଂଳାପ, ଭାରତର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟ' ଶୀର୍ଷକ ଏହି ଆଲୋଚନାଚକ୍ରରେ ୟୁନେସ୍କୋ, ଆହ୍ଲାବାଦ୍ ବିଶ୍ୱବିଦ୍ୟାଳୟ ପ୍ରତିନିଧି ଏବଂ ଶିକ୍ଷାବିତ୍ ଅଂଶଗ୍ରହଣ କରିଥିଲେ । ମହାକୁମ୍ଭର ମହତ୍ୱ ଉପରେ ଏଥିରେ ଆଲୋକପାତ କରାଯାଇଥିଲା । ଆମ ପ୍ରତିନିଧିଙ୍କ ପାଖରୁ ମିଳିଥିବା ସୂଚନା ଅନୁଯାୟୀ ଏହି କାର୍ଯ୍ୟକ୍ରମକୁ ୟୁନେସ୍କୋର ଦକ୍ଷିଣ ଏସିଆ ଆଞ୍ଚଳିକ ନିର୍ଦ୍ଦେଶକ ଟିମ୍ କର୍ଟିସ୍ ଏବଂ ଆହ୍ଲାବାଦ୍ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ହେରମ୍ଭ ଚତୁର୍ବେଦୀ ଉଦ୍‌ଘାଟନ କରିଥିଲେ । ଉତ୍ତରପ୍ରଦେଶ ସଂସ୍କୃତି ବିଭାଗ ଏବଂ ପ୍ରୟାଗରାଜ ମହାକୁମ୍ଭ ମେଳା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ଏହି ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା ।

# ଓଡ଼ିଶା ସିଏମ୍-ନେପାଳ ଜଷ୍ଟିସ୍

ଓଡ଼ିଶାର ଭୁବନେଶ୍ୱର ସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଜଣେ ନେପାଳୀ ଛାତ୍ରୀଙ୍କର ଆତ୍ମହତ୍ୟା ମାମଲାରେ ଦୋଷୀଙ୍କ

ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏହି ଆତ୍ମହତ୍ୟା ଘଟଣା ପରେ ନୂଆଦିଲ୍ଲୀ ସ୍ଥିତ ନେପାଳ ଦୂତାବାସରୁ ଭୁବନେଶ୍ୱର ଆସିଥିବା ସଞ୍ଜୀବ ଦାସଶର୍ମା ଓ ନବୀନ ଦାଶ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଏହି ପ୍ରତିଶ୍ରୁତି ଦେଇଛନ୍ତି । ସେ କହିଛନ୍ତି, ମୃତ ଛାତ୍ରୀଙ୍କ ପ୍ରତି ସରକାର ଉଚିତ ନ୍ୟାୟ ପ୍ରଦାନ କରିବା ସହିତ ସେହି ବିଶ୍ୱବିଦ୍ୟାଳୟ ପରିସରରେ ଶାନ୍ତି ଏବଂ ସ୍ୱାଭାବିକ ଅବସ୍ଥା ଫେରାଇ ଅଣାଯିବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏତଦ୍‌ବ୍ୟତୀତ ନେପାଳୀ ଛାତ୍ରଛାତ୍ରୀମାନେ ଫେରିଆସି ପୂର୍ବଭଳି ସେମାନଙ୍କର ପାଠପଢ଼ା ଜାରି ରଖିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି ।

ଇତିମଧ୍ୟରେ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ଲାଗି ରାଜ୍ୟ ସରକାର ରାଜ୍ୟ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି ।

## ଇସ୍ରାଏଲ୍ ହଷ୍ଟେଜେସ୍

ଇସ୍ରାଏଲ୍‌ର ୪ ଜଣ ମୃତ ପଣବନ୍ଦୀଙ୍କ ତାଲିକା ଗାଜା ପକ୍ଷରୁ ହସ୍ତାନ୍ତର କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ

କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ କହିଛି, ଆଇ.ଡି.ଏଫ୍.ର ପ୍ରତିନିଧିଙ୍କ ମାଧ୍ୟମରେ ମୃତ ପଣବନ୍ଦୀଙ୍କ ପରିବାରକୁ ସୂଚନା ପ୍ରଦାନ କରାଯାଇଛି । ଏହି ପଣବନ୍ଦୀଙ୍କ ମର ଶରୀରକୁ ଆଜି ଗାଜା ପକ୍ଷରୁ ଇସ୍ରାଏଲ୍‌କୁ ହସ୍ତାନ୍ତର କରାଯିବ । ପଣବନ୍ଦୀଙ୍କ ମୃତ୍ୟୁ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଗଭୀର ଦୁଃଖ ପ୍ରକାଶ କରି କହିଛନ୍ତି, ଦେଶ ପାଇଁ ଆଜିର ଦିନଟି ଅତ୍ୟନ୍ତ କଷ୍ଟକର ।

## ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍

ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଭାରତ ତାର ଅଭିଯାନ ଆରମ୍ଭ କରିବ । ଦୁବାଇ ଠାରେ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ବାଂଲାଦେଶ ବିପକ୍ଷରେ ଭାରତ ମ୍ୟାଚ୍ ଖେଳିବ । ଭାରତୀୟ ସମୟ ଅପରାହ୍ଣ ସାଢ଼େ ୨ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।

ଅନ୍ୟ ପକ୍ଷରେ ଗତକାଲିର ଉଦ୍‌ଘାଟନୀ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ପାକିସ୍ତାନ ବିପକ୍ଷରେ ବିଜୟୀ ହୋଇଛି । ଟସ୍ ଜିତି ପାକିସ୍ତାନ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୫ ଓ୍ୱିକେଟ୍ ବିନିମୟରେ ୩୨୦ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଟମ୍ ଲାଥାମ୍ ୧୧୮ ଏବଂ ଓ୍ୱିଲ୍ ୟଙ୍ଗ୍ ୧୦୭ରନ୍‌ର ପାଳି ଖେଳିଥିଲେ । ୩୨୧ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ୪୭

ଓଭର ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୨୬୦ରନ୍ କରିବାକୁ ସକ୍ଷମ ହୋଇଥିଲା । ଟମ୍ ଲାଥମ୍ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

## ମହିଳା ପ୍ରିମିୟର୍ ଲିଗ୍

ମହିଳା ପ୍ରିୟମିର୍ ଲିଗ୍ କ୍ରିକେଟ୍ ପ୍ରତିଯୋଗିତାରେ ଗତକାଲିର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିଜୟୀ ହୋଇଛି । ବଦୋଦରା କୋଟାମ୍ବି ଷ୍ଟାଡିୟମ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଦିଲ୍ଲୀ’ ୟୁ.ପି. ୱାରିୟର୍ସ୍‌କୁ ୭ ୱିକେଟ୍‌ରେ ପରାସ୍ତ କରିଛି । ଦିଲ୍ଲୀ ଟସ୍ ଜିତି ୟୁ.ପି.କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ୟୁ.ପି. ୱାରିୟର୍ସ୍ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ବିନିମୟରେ ୧୬୬ରନ୍ ସଂଗ୍ରହ କରିଥିଲା । ୧୬୭ରନ୍‌ର ବିଜୟ ଲକ୍ଷ୍ୟକୁ ଦିଲ୍ଲୀ ୩ ୱିକେଟ୍ ବିନିମୟରେ ହାସଲ କରିନେଇଥିଲା । ସଦରଲ୍ୟାଣ୍ଡ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

# ହକି ଲିଗ୍

ଏଫ୍.ଆଇ.ଏଚ୍. ପ୍ରୋ ହକି ଲିଗ୍ ପ୍ରତିଯୋଗିତାରେ ଗତକାଲି ପୁରୁଷ ବର୍ଗରେ ଭାରତ ବିଜୟ ହାସଲ କରିଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ୧-୦ ଗୋଲ୍‌ରେ ଜର୍ମାନୀକୁ ପରାସ୍ତ କରିଛି । ଅନ୍ୟ ଏକ ମ୍ୟାଚ୍‌ରେ ସ୍ପେନ୍ ଇଂଲଣ୍ଡ ବିରୁଦ୍ଧରେ ୪-୧ ଗୋଲ୍‌ରେ ବିଜୟୀ ହୋଇଛି । ମହିଳା ବର୍ଗରେ ସ୍ପେନ୍ ୧-୦ ଗୋଲ୍‌ରେ ଭାରତକୁ ପରାସ୍ତ କରିଛି ।